

# ଅନ୍ତର୍ଜାତୀୟ ପୁଷ୍ଟିଶସ୍ୟ ବର୍ଷ ୨୦୨୩ ସମ୍ପର୍କୀୟ ପୁଷ୍ଟିଶସ୍ୟର ପ୍ରୋତ୍ସାହନ ନିମନ୍ତେ ଏକ ନୀତିଗତ ଢାଞ୍ଚା

## ପ୍ରସ୍ତାବନା

ବହୁ ପୁରାତନ କାଳରୁ ପୁଷ୍ଟିଶସ୍ୟ ଆମ ଖାଦ୍ୟ ତାଲିକାରେ ସ୍ଥାନ ପାଇ ଆସୁଛି । ଏହି ଉପଯୋଗୀ ଶସ୍ୟ ମୁଖ୍ୟତଃ ଓଡ଼ିଶାର ଆଦିବାସୀ ସମ୍ପ୍ରଦାୟଙ୍କ ଦ୍ୱାରା ଆଜି ବି ଚାଷ କରାଯାଉଛି । ପୋଷାକତତ୍ତ୍ୱରେ ଭରପୁର ଏହି ଶସ୍ୟ ଆମ ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ ଅଟେ । ପରିବର୍ତ୍ତିତ ଜଳବାୟୁ ସହନଶୀଳ ହୋଇଥିବାରୁ ଏହା ବିଭିନ୍ନ ଜଳବାୟୁ ସହ ଖାପ ଖୁଆଇ ଭଲ ଭାବେ ବଢ଼ିପାରେ ଏବଂ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ଜୀବିକା ନିର୍ବାହରେ ସହାୟକ ହୋଇଥାଏ । ଏଥିରେ କମ୍ ଜଳ ଆବଶ୍ୟକ ହେବା ସହ ଅଙ୍ଗାରକାମ୍ଳ ନିର୍ଗମନ ମାତ୍ରା କମ୍ ଥିବା ଯୋଗୁଁ, ଏହା ପରିବେଶ ଅନୁକୂଳ ଅଟେ । ତେଣୁ ପୁଷ୍ଟିଶସ୍ୟକୁ ପ୍ରୋତ୍ସାହନ ଦେବା କେବଳ ଏକ ଉତ୍ତମ କୃଷି ନୀତି ନୁହେଁ ବରଂ ଏହା ମାଧ୍ୟମରେ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ସମାନତା ଏବଂ ନ୍ୟାୟ ପ୍ରଦାନ କରିବା ଦିଗରେ ଆମେ ବିଶ୍ୱାସ ରଖୁ । ତେଣୁ ସରକାର ଏବଂ ଜନସାଧାରଣ ଏ ଦିଗରେ ଦୃଷ୍ଟି ଦେବା ଆବଶ୍ୟକ ।

ଓଡ଼ିଶାରେ ଗତ ୨୦୨୩ ମସିହାରେ ନଭେମ୍ବର ୯ ଏବଂ ୧୦ ତାରିଖରେ ମାଣ୍ଡିଆ ଦିବସ ଏବଂ ଆନ୍ତର୍ଜାତୀୟ ପୁଷ୍ଟିଶସ୍ୟ ବର୍ଷ ୨୦୨୩ ପାଳନ ଅବସରରେ ଭୁବନେଶ୍ୱରର ଜନତା ମୈଦାନଠାରେ "ଆନ୍ତର୍ଜାତୀୟ ପୁଷ୍ଟିଶସ୍ୟ ସମ୍ମିଳନୀ" ଆୟୋଜିତ ହୋଇଥିଲା । ଏହି ସମ୍ମିଳନୀର ବିଷୟବସ୍ତୁ ଥିଲା "ପୁଷ୍ଟିଶସ୍ୟ: ଆଧୁନିକ ଆହ୍ୱାନ ପାଇଁ ପ୍ରାଚୀନ ଶସ୍ୟ" ।

ଏହି ସମ୍ମିଳନୀରେ କୃଷକ, ସ୍ୱୟଂ ସହାୟକ ଗୋଷ୍ଠୀ, କୃଷକ ଉତ୍ପାଦକ ସଂଗଠନ, ନୀତି ନିର୍ଦ୍ଧାରକ, ଷ୍ଟାର୍ଟଅପ୍, ଗବେଷକ, ବିଶ୍ୱବିଦ୍ୟାଳୟ ଏବଂ ଶିକ୍ଷା ପ୍ରତିଷ୍ଠାନ, ସ୍ୱାସ୍ଥ୍ୟ ପ୍ରତିଷ୍ଠାନ, ହୋଟେଲ ଆସୋସିଏସନ୍, ବିଭିନ୍ନ ବିଭାଗ ସମେତ ଅନେକ ପ୍ରତିନିଧି ପୁଷ୍ଟିଶସ୍ୟର ପୁନଃରୁଦ୍ଧାର ଉଦ୍ଦେଶ୍ୟରେ ସମନ୍ୱିତ ହୋଇଥିଲେ ।

ଉକ୍ତ ସମ୍ମିଳନୀରେ ବୈଜ୍ଞାନିକ ଓ ବିଶେଷଜ୍ଞମାନଙ୍କ ସହ ପାରସ୍ପରିକ ଆଲୋଚନା, ବୈଷୟିକ ଅଧିବେଶନ, ପୋଷ୍ଟକାର୍ଡ ଏକ୍ସଚେଞ୍ଜ କାର୍ଯ୍ୟକ୍ରମ, ପ୍ରଯୁକ୍ତିବିଦ୍ୟା, କୃଷି ଯନ୍ତ୍ରପାତିର ପ୍ରଦର୍ଶନ, ନୀତି ନିର୍ଦ୍ଧାରଣ ସମ୍ପର୍କୀୟ, B2B ବୈଠକ, ଷ୍ଟାର୍ଟଅପ ଆହ୍ୱାନ, ବିହନ ବିବିଧତା ପ୍ରଦର୍ଶନ, କୃଷକ ସଙ୍ଗୀତ, ଆନ୍ତର୍ଜାତୀୟ ଖାଦ୍ୟ ମହୋତ୍ସବ, କୁଇଜ୍ ଏବଂ ରନ୍ଧନ ପ୍ରତିଯୋଗିତା ଆଦି କାର୍ଯ୍ୟକ୍ରମ କରାଯାଇଥିଲା ।

ଏହାସହ ପୁଷ୍ଟିଶସ୍ୟ ସେବା କେନ୍ଦ୍ର ମାଧ୍ୟମରେ କୃଷକ ଉତ୍ପାଦକ ସଂଗଠନକୁ ପ୍ରୋତ୍ସାହନ, ପୁଷ୍ଟିଶସ୍ୟର ଜୈବ ବିବିଧତା, ବିସ୍ମୃତ ଖାଦ୍ୟ, ପୁଷ୍ଟିଶସ୍ୟ ଏବଂ ଆଦିବାସୀ ସମ୍ପ୍ରଦାୟର ସାମାଜିକ- ସାଂସ୍କୃତିକ ଦିଗ, ପୁଷ୍ଟିଶସ୍ୟ ଏବଂ ସ୍ୱାସ୍ଥ୍ୟ ମଧ୍ୟରେ ସମ୍ବନ୍ଧ, ଉନ୍ନତ କୃଷି ପଦ୍ଧତି ପରିଚାଳନା, ଉତ୍ପାଦନ ସାମର୍ଥ୍ୟ ବୃଦ୍ଧି ଆଦି ଉପରେ ଗୁରୁତ୍ୱାରୋପ କରାଯାଇଥିଲା ।

ଭାରତ ସରକାର, ମିଳିତ ଜାତିସଂଘର ଖାଦ୍ୟ ଏବଂ କୃଷି ସଂଗଠନ, ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ, ଅନ୍ତଃରାଷ୍ଟ୍ରୀୟ କୃଷି ଅନୁସନ୍ଧାନ ଓ ପରାମର୍ଶ ଅନୁଷ୍ଠାନ, ବିଶେଷଜ୍ଞ, ନାଗରିକ ସମାଜ ସଂଗଠନ, କୃଷକ ପ୍ରତିନିଧି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକର ବିଚାର ଏବଂ ପରାମର୍ଶକୁ ଆଧାର କରି ନିମ୍ନଲିଖିତ ଉପାୟରେ ଓଡ଼ିଶା ସରକାର ପୁଷ୍ଟିଶସ୍ୟର ପୁନଃରୁଦ୍ଧାର ଦିଗରେ କାର୍ଯ୍ୟ କରିବା ପାଇଁ ନିମ୍ନଲିଖିତ ଘୋଷଣାନାମା ପ୍ରସ୍ତୁତ କରିଛନ୍ତି ।

## ସ୍ଥାୟୀ ଜୀବିକା ଏବଂ ରୋଜଗାର ସହାୟତା:




- ପୁଷ୍ଟିଶସ୍ୟର ପୁନରୁଦ୍ଧାର ମାଧ୍ୟମରେ ବୃଷ୍ଟିପୁଷ୍ଟ ଅଞ୍ଚଳର ସମସ୍ୟାର ସାମ୍ନା କରୁଥିବା ଚାଷୀଙ୍କୁ ସମାନତା ଓ ନ୍ୟାୟ ପ୍ରଦାନ କରିବା ଏକ ମୁଖ୍ୟ ଲକ୍ଷ୍ୟ । ତେଣୁ ସେମାନଙ୍କୁ ସିଧାସଳଖ ଭାବେ ରୋଜଗାର ସହାୟତା ପ୍ରଦାନ କରିବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ ।
- ମାଣ୍ଡିଆ ସମେତ ଅନ୍ୟାନ୍ୟ ପୁଷ୍ଟିଶସ୍ୟ ଉପରେ ବିଶେଷ ଧ୍ୟାନ ଦେବା ସହ ପୁଷ୍ଟିଶସ୍ୟ ଚାଷର ଉତ୍ପାଦନ ବୃଦ୍ଧି କରିବାକୁ ଆମେ ପ୍ରତିବଦ୍ଧ। ଏହାସହ ବିଭିନ୍ନ ସମୟରେ ଅମଳ ହେଉଥିବା ପୁଷ୍ଟିଶସ୍ୟକୁ ଗୁରୁତ୍ୱ ଦିଆଯିବା ସହ ସେଗୁଡିକୁ ସମ୍ବନ୍ଧିତ କୃଷି/ ଅନ୍ତଃଫସଲିକରଣ ଏବଂ ଫସଲ ବିବିଧତା ସମ୍ପର୍କିତ କାର୍ଯ୍ୟକ୍ରମ ଅଧିନରେ ଅନ୍ତର୍ଭୁକ୍ତ କରିବା ।
- ପୁଷ୍ଟିଶସ୍ୟକୁ ପ୍ରାକୃତିକ ବା ଜୈବିକ ଉପାୟରେ ଚାଷ କରିବା ଏବଂ ଧାନ ପରବର୍ତ୍ତୀ ପଡିଆ ଜମିରେ ରବି ଋତୁରେ ଅନ୍ୟାନ୍ୟ ପୁଷ୍ଟିଶସ୍ୟ ଚାଷକୁ ଗୁରୁତ୍ୱ ଦେବା ନେଇ ଆମେ ପ୍ରତିଶୃତିବଦ୍ଧ ।
- ଚାଷୀମାନଙ୍କ ପାଇଁ ଚିରନ୍ତନ ଜୀବିକା ସହ ଉଦ୍ୟୋଗୀକରଣକୁ ସୁଦୃଢ଼ କରିବା ଓ ଚାଷୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କ ବିକାଶ ଦିଗରେ ଗୁରୁତ୍ୱାରୋପ କରିବାକୁ ଆମେ ପ୍ରତିବଦ୍ଧ ।
- ଭିତ୍ତିଭୂମି ବିକାଶ ଏବଂ ମୂଲ୍ୟ ଶୃଙ୍ଖଳ ଉନ୍ନତ କରିବା ନିମନ୍ତେ ଆମେ ପ୍ରତିବଦ୍ଧ । ପୁଷ୍ଟିକର ଶସ୍ୟ ଚାଷ ଏବଂ ଏହାର ବ୍ୟବହାର ବୃଦ୍ଧି ଦ୍ୱାରା ପୋଷଣ ଏବଂ ଖାଦ୍ୟ ନିରାପତ୍ତାକୁ ସୁନିଶ୍ଚିତ କରିବା ହେଉଛି ଆମ ମିଶନର ମୁଖ୍ୟ ଲକ୍ଷ୍ୟ ।



## କୃଷି-ଜୈବ ବିବିଧତା ଏବଂ ସ୍ଥାନୀୟ ଗୋଷ୍ଠୀ ସମୂହ:

- ଆଦିବାସୀ ସମ୍ପ୍ରଦାୟର ପରିଚୟ, ପରମ୍ପରା, ସାମାଜିକ ସଂଗଠନ ଏବଂ ସାଂସ୍କୃତିକ ମୂଲ୍ୟବୋଧକୁ ସମ୍ମାନ ଦେଇ ପୁଷ୍ଟିଶସ୍ୟ ଚାଷ ପଦ୍ଧତିରେ ସେମାନଙ୍କୁ ସହଯୋଗ କରିବା ଦିଗରେ ଆମେ ପ୍ରତିବଦ୍ଧ।
- କ୍ଷେତ ଓ ବାଡ଼ିବଗିଚାରେ ପୁଷ୍ଟିଶସ୍ୟ ଏବଂ ବିସ୍ତୃତ ଖାଦ୍ୟ ଫସଲର ଉତ୍ପାଦନକୁ ପ୍ରୋତ୍ସାହିତ କରିବା ସହ ଏହାର ବ୍ୟବହାର ବୃଦ୍ଧି କରିବା ଦିଗରେ ଆମେ ପ୍ରତିବଦ୍ଧ ।
- ଆଦିବାସୀ ଚାଷୀମାନଙ୍କୁ ସହାୟତା ପ୍ରଦାନ କରିବା ଏବଂ ପାରମ୍ପରିକ ଦେଶୀ ବିହନର ସଂରକ୍ଷଣ ଏବଂ ବ୍ୟବହାର ଦିଗରେ ପ୍ରୋତ୍ସାହନ କରିବା ନେଇ ଆମେ ପ୍ରତିବଦ୍ଧ । ସଂରକ୍ଷକ ଚାଷୀମାନଙ୍କ ମାଧ୍ୟମରେ ନିରନ୍ତର ବିହନ ଉତ୍ପାଦନ ଦ୍ୱାରା ଆଦିବାସୀ ସମ୍ପ୍ରଦାୟର ମହିଳାମାନଙ୍କୁ ସଶକ୍ତ କରାଇବା ଆମର ଲକ୍ଷ୍ୟ । ଆମେ ସ୍ଥାନୀୟସ୍ତରରେ ଜନଜାତି ସମ୍ପ୍ରଦାୟଙ୍କୁ ସାମିଲ କରି ବ୍ୟବସ୍ଥିତ ସର୍ବେକ୍ଷଣ ଓ ତାଲିକା ପ୍ରସ୍ତୁତ କରିବା ସହ ଆଇନ କାନୁନ୍ ଅନ୍ତର୍ଗତ ନୀତି ଓ ଅଧିନିୟମ ଅନୁସାରେ ସହଯୋଗ ଯୋଗାଇ ଦେବା ନେଇ ସୁନିଶ୍ଚିତ କରିବୁ।
- ନିର୍ଦ୍ଦିଷ୍ଟ ଅସୁରକ୍ଷିତ ଜନଜାତି ଗୋଷ୍ଠୀଙ୍କ ପାରମ୍ପରିକ ଖାଦ୍ୟର ଡକ୍ୟୁମେଣ୍ଟେସନ୍ କରିବା ଉପରେ ବିଶେଷ ଗୁରୁତ୍ୱ ଦେବାକୁ ଆମେ ପ୍ରତିବଦ୍ଧ ।
- ପୁଷ୍ଟିଶସ୍ୟ ଏବଂ ଆଦିବାସୀ ସମ୍ପ୍ରଦାୟଙ୍କ ସାଂସ୍କୃତିକ ଦିଗକୁ ପ୍ରୋତ୍ସାହିତ କରିବା ସହ ଡକ୍ୟୁମେଣ୍ଟ କରିବା ନେଇ ଆମେ ପ୍ରତିବଦ୍ଧ ।
- ଆଦିବାସୀ ସମ୍ପ୍ରଦାୟର ଯୁବପିଢ଼ିମାନଙ୍କ ମଧ୍ୟରେ ପୁଷ୍ଟିଶସ୍ୟଭିତ୍ତିକ ଉଦ୍ୟୋଗକୁ ପ୍ରୋତ୍ସାହିତ କରିବାକୁ ଆମେ ବିଶେଷ ଗୁରୁତ୍ୱ ଦେବୁ ।
- ବିଭିନ୍ନ ବିହନଗୁଡିକର ସୁରକ୍ଷିତ ସଂରକ୍ଷଣ ପାଇଁ ଗୋଷ୍ଠୀ ବିହନ ବ୍ୟାଙ୍କଗୁଡିକରେ ଉଭୟ ପାରମ୍ପରିକ ଏବଂ ବୈଜ୍ଞାନିକ ସମନ୍ୱିତ ସଂରକ୍ଷଣ ପ୍ରଣାଳୀକୁ ପ୍ରୋତ୍ସାହିତ କରିବାକୁ ଆମେ ଗୁରୁତ୍ୱାରୋପ କରିବୁ ।
- ନିରନ୍ତର କୃଷିକୁ ସୁନିଶ୍ଚିତ କରିବା ପାଇଁ ଉଭୟ ବିହନ ଓ ଉନ୍ନତମାନର କିସମକୁ ପ୍ରାଥମିକତା ଦିଆଯିବ ଏବଂ ପୁଷ୍ଟିଶସ୍ୟ ପାଇଁ ଏକ ବୈଜ୍ଞାନିକ ପରିବେଶ ବିକାଶ କରିବା ଦିଗରେ ଆମେ ପ୍ରତିବଦ୍ଧ।

## ଲିଙ୍ଗଗତ ପ୍ରୋତ୍ସାହନ:

- ଏକ ମିଶନ ଭାବରେ ମହିଳା କୃଷକ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଅନ୍ୟ ମହିଳା ସଦସ୍ୟାମାନଙ୍କୁ ପୁଷ୍ଟିଶସ୍ୟ ମାଧ୍ୟମରେ ପ୍ରୋତ୍ସାହିତ କରିବାକୁ ଆମେ ପ୍ରତିଶ୍ରୁତିବଦ୍ଧ । ଏକାକୀ ମହିଳା ବା ପରିବାରର ନେତୃତ୍ୱ ନେଉଥିବା ଏକାକୀ ମହିଳାଙ୍କ ବିକାଶ ଉପରେ ଗୁରୁତ୍ୱ ଦିଆଯିବ ।
- ପ୍ରତ୍ୟେକଟି ଦିଗରେ ମହିଳାମାନଙ୍କୁ ସମ୍ପୂର୍ଣ୍ଣ ଓ ସମାନତାର ସହ ସାମିଲ କରିବା ସହିତ ଶ୍ରୀ ଅନ୍ନ ଅଭିଯାନ କାର୍ଯ୍ୟକ୍ରମ ଢାଞ୍ଚାରେ ପରିବର୍ତ୍ତନ କରିବାକୁ ଆମେ ପ୍ରତିଶ୍ରୁତିବଦ୍ଧ। ଗୁଣାତ୍ମକ ଲିଙ୍ଗଗତ ସଶକ୍ତିକରଣ ସୂଚକାଙ୍କ ସମ୍ପର୍କିତ କାର୍ଯ୍ୟକ୍ରମର ଡିଜାଇନ୍, ସମୀକ୍ଷା ଏବଂ ରିପୋର୍ଟ ପ୍ରକ୍ରିୟାରେ ଅନ୍ତର୍ଭୂକ୍ତ କରାଯିବ ।
- ସରକାରଙ୍କ ଦ୍ୱାରା ପ୍ରୋତ୍ସାହନ ଦିଆଯାଇଥିବା ପ୍ରତ୍ୟେକ କୃଷି ଉପକରଣ/ ଯନ୍ତ୍ରପାତିଗୁଡ଼ିକ ସୁନିଶ୍ଚିତ କରିବା ସହିତ ଆମେ ସହାଭାଗିତା ମାଧ୍ୟମରେ କୃଷିଯନ୍ତ୍ରପାତିଗୁଡିକର ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ ।
- ମହିଳା / ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଋଣ ସୁବିଧା ଯୋଗାଇଦେବା ପାଇଁ ଆମେ ବ୍ୟାଙ୍କିଙ୍ଗ ଏବଂ ଆର୍ଥିକ ପ୍ରତିଷ୍ଠାନ ସହିତ ଜଡିତ ହେବା ପାଇଁ ପ୍ରତିବଦ୍ଧ ।
- ଶ୍ରୀ ଅନ୍ନ ଅଭିଯାନର ସମ୍ପ୍ରସାରଣ କାର୍ଯ୍ୟକଳାପରେ ମହିଳା କୃଷକ / ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ମିଳିତ କାର୍ଯ୍ୟକଳାପ ପାଇଁ ଆମେ ପ୍ରତିବଦ୍ଧ।
- ଲିଙ୍ଗଗତ ଅନ୍ତର୍ଭୁକ୍ତୀକରଣ ନିମନ୍ତେ ସରକାରୀ ଅଧିକାରୀମାନଙ୍କୁ ଅଭିମୁଖୀକରଣ ଏବଂ ସଚେତନ କରିବା ଦିଗରେ ଆମେ ପ୍ରତିବଦ୍ଧ ।



## ଅନୁସନ୍ଧାନ/ ଗବେଷଣା:



- ସମ୍ପ୍ରଦାୟ, ନାଗରିକ ସମାଜ ଏବଂ ବ୍ୟବସାୟୀକରଣର ସହଭାଗୀତାରେ ଅଂଶଗ୍ରହଣକାରୀ ଅନୁସନ୍ଧାନକୁ ସମର୍ଥନ କରିବାକୁ ଆମେ ପ୍ରତିଶ୍ରୁତିବଦ୍ଧ ।
- ଓୟୁଏଟି, ଭାରତୀୟ କୃଷି ଅନୁସନ୍ଧାନ କେନ୍ଦ୍ର, ଭାରତୀୟ ପୁଷ୍ଟିଶସ୍ୟ ଅନୁସନ୍ଧାନ କେନ୍ଦ୍ର ଏବଂ ଅନ୍ୟାନ୍ୟ ଜାତୀୟ ତଥା ଆନ୍ତର୍ଜାତୀୟ ସଂଗଠନ/ ବିଶ୍ୱବିଦ୍ୟାଳୟଗୁଡ଼ିକ ଦ୍ୱାରା ଗବେଷଣାଭିତ୍ତିକ ପଦକ୍ଷେପକୁ ପ୍ରୋତ୍ସାହନ ଏବଂ ବିଶେଷ କରି ପୁଷ୍ଟିଶସ୍ୟ ଚାଷରେ ଉନ୍ନତି, କୃତ୍ରିମ ମେଧାର ବ୍ୟବହାର, ଜମି ବ୍ୟବହାର ପ୍ରଯୁକ୍ତିବିଦ୍ୟା, ଡିଜିଟାଲ ପଦ୍ଧତିର ଉପଯୋଗ ଏବଂ ଅନ୍ୟାନ୍ୟ ବିଷୟରେ ଆମେ ସହଯୋଗ କରିବାକୁ ପ୍ରତିଶ୍ରୁତିବଦ୍ଧ ।
- ସାମଗ୍ରୀ ପରିଚାଳନା, ଲିଙ୍ଗଗତ ସମାନତା, ପୌଷ୍ଟିକତା, କୃଷି ଜୈବ ବିବିଧତା ସଂରକ୍ଷଣ, ପ୍ରକ୍ରିୟାକରଣ, ମୂଲ୍ୟ ଯୋଗ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ କ୍ଷେତ୍ର ଉପରେ ହେଉଥିବା ଗବେଷଣାକୁ ସମର୍ଥନ କରିବାକୁ ଆମେ ପ୍ରତିଶ୍ରୁତିବଦ୍ଧ।
- ଉତ୍ତମ ଖାଦ୍ୟର ପ୍ରକ୍ରିୟାକରଣ, ସଂରକ୍ଷଣ, ଅମଳ ପରବର୍ତ୍ତୀ ଏବଂ ପୁଷ୍ଟି ପୋଷକତା ଆଦିରେ ବ୍ୟବହାର ହେଉଥିବା ପ୍ରଯୁକ୍ତିବିଦ୍ୟାର ଅନୁସନ୍ଧାନ ଏବଂ ବିକାଶକୁ ପ୍ରୋତ୍ସାହନ କରିବା ଦିଗରେ ଆମେ ପ୍ରତିଶ୍ରୁତିବଦ୍ଧ ।
- ବଜାର ସର୍ବେକ୍ଷଣ, ମୂଲ୍ୟ ଶୃଙ୍ଖଳା ବିଶ୍ଳେଷଣ, ଚିରନ୍ତନ ଆଭିମୁଖ୍ୟ, ସାମାଜିକ ଏବଂ ସାଂସ୍କୃତିକ ଅଧ୍ୟୟନ ପରି ପୁଷ୍ଟିଶସ୍ୟ ସମ୍ବନ୍ଧୀୟ ସମସ୍ତ ପ୍ରାସଙ୍ଗିକ ଅନୁସନ୍ଧାନକୁ ଆମେ ପ୍ରୋତ୍ସାହିତ କରିବାକୁ ପ୍ରତିଶ୍ରୁତିବଦ୍ଧ ।
- ଅନଲାଇନ୍ ପ୍ଲାଟଫର୍ମ କିମ୍ବା ଫୋରମ୍ ଗୁଡ଼ିକୁ ପ୍ରୋତ୍ସାହନ ମିଳିବା ଦ୍ୱାରା ବୈଜ୍ଞାନିକ, ଗବେଷକ, ଏବଂ ଚାଷୀମାନେ ଚାଷକୁ ନେଇ ନିଜେ ନିଜର ଅନୁଭୂତି, ଚାଷ ପଦ୍ଧତି ଏବଂ ପୁଷ୍ଟିଶସ୍ୟ ଉତ୍ପାଦନକୁ ନେଇ ସଫଳ କାହାଣୀ ବର୍ଣ୍ଣନା କରିପାରିବେ । ତେଣୁ ଏହାର ବିକାଶ ଏବଂ ପ୍ରୋତ୍ସାହନ ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ ।
- କୃଷକ ଓ ହିତାଧିକାରୀଙ୍କ ଦକ୍ଷତା ବିକାଶ ପାଇଁ ଆବଶ୍ୟକ ଜ୍ଞାନ କୌଶଳ ଯୋଗାଇବା ଦିଗରେ ଆମେ ପ୍ରତିଶ୍ରୁତିବଦ୍ଧ ।
- ଅନଲାଇନ୍ ପ୍ଲାଟଫର୍ମ କିମ୍ବା ଫୋରମ୍ ଗୁଡ଼ିକୁ ପ୍ରୋତ୍ସାହନ ମିଳିବା ଦ୍ୱାରା ବୈଜ୍ଞାନିକ, ଗବେଷକ, ଏବଂ ଚାଷୀମାନେ ଚାଷକୁ ନେଇ ନିଜେ ନିଜର ଅନୁଭୂତି, ଚାଷ ପଦ୍ଧତି ଏବଂ ପୁଷ୍ଟିଶସ୍ୟ ଉତ୍ପାଦନକୁ ନେଇ ସଫଳ କାହାଣୀ ବର୍ଣ୍ଣନା କରିପାରିବେ । ତେଣୁ ଏହାର ବିକାଶ ଏବଂ ପ୍ରୋତ୍ସାହନ ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ ।

## ପରିବେଶ:



- ପରିବେଶର ଉନ୍ନତି ପାଇଁ ସାର ଏବଂ କୀଟନାଶକର ବ୍ୟବହାର ହ୍ରାସ କରି ଜୈବିକ ପଦ୍ଧତିରେ ଚାଷକୁ ପ୍ରୋତ୍ସାହିତ ଦେବା ଦିଗରେ ପ୍ରତିଶ୍ରୁତିବଦ୍ଧ ହେବା ।
- ଧାନ ଗହମ ଭଳି ଖାଦ୍ୟଶସ୍ୟ ବ୍ୟତୀତ ପୁଷ୍ଟିଶସ୍ୟର ବିବିଧତାକୁ ପ୍ରୋତ୍ସାହନ ଦେବା ପାଇଁ ଆମେ ପୂର୍ଣ୍ଣତଃ ପ୍ରୟାସ କରିବୁ।
- ଭୂତଳ ଜଳ ସ୍ତର ଏବଂ ଜଳର ସଠିକ ପରିଚାଳନା କରିବା ପାଇଁ ମୌସୁମୀ ପରବର୍ତ୍ତୀ ଏବଂ ଗ୍ରୀଷ୍ମ ଋତୁରେ ପୁଷ୍ଟିଶସ୍ୟକୁ ପ୍ରୋତ୍ସାହିତ କରିବାକୁ ଆମେ ପ୍ରତିଶ୍ରୁତିବଦ୍ଧ।
- ଡାଲି ଏବଂ ତୈଳବୀଜକୁ ପ୍ରୋତ୍ସାହିତ କରୁଥିବା ଚାଷ ପଦ୍ଧତି ମାଧ୍ୟମରେ ପୁଷ୍ଟିଶସ୍ୟ ଚାଷକୁ ପ୍ରୋତ୍ସାହନ ଦେବା ଦିଗରେ ଆମେ ପ୍ରତିବଦ୍ଧ ।



## ମୂଲ୍ୟ ଶୃଙ୍ଖଳ:

- ଆଦିବାସୀ ସମ୍ପ୍ରଦାୟଙ୍କୁ ସ୍ୱଳ୍ପ ମୂଲ୍ୟର ପ୍ରଯୁକ୍ତିବିଦ୍ୟା, ସ୍ୱଚ୍ଛ ଶକ୍ତି ପ୍ରଯୁକ୍ତିବିଦ୍ୟା, ଜୈବିକ ପୁଷ୍ଟିଶସ୍ୟ ମୂଲ୍ୟ ଶୃଙ୍ଖଳ ଏବଂ ନୂତନ ଅଭ୍ୟାସ ଗ୍ରହଣ କରିବାକୁ ଆମେ ଉତ୍ସାହିତ କରିବାକୁ ପ୍ରତିଶ୍ରୁତିବଦ୍ଧ ।
- ଖାଦ୍ୟ, ଇନ୍ଧନ, ଖାଦ୍ୟ ଓ ଖାଦକର ଆବଶ୍ୟକତା ଉପରେ ଧ୍ୟାନ ଦେଇ ପୁଷ୍ଟିଶସ୍ୟ ଆଧାରିତ ଚାଷ ପଦ୍ଧତି ସହିତ ସର୍କୁଲାର ଇକୋନୋମି ମଡେଲ ଏବଂ ବ୍ୟବସାୟିକରଣକୁ ପ୍ରୋତ୍ସାହିତ କରିବାକୁ ଆମେ ପ୍ରତିବଦ୍ଧ ।
- ମୂଲ୍ୟ ଶୃଙ୍ଖଳ ଆହ୍ୱାନର ମୁକାବିଲା ପାଇଁ ପୁଷ୍ଟିଶସ୍ୟ ସେବା କେନ୍ଦ୍ରକୁ ପ୍ରୋତ୍ସାହିତ କରିବା ପାଇଁ ଆମେ ଯୋଜନା ପ୍ରସ୍ତୁତ କରିବାକୁ ପ୍ରତିଶ୍ରୁତିବଦ୍ଧ ।
- ପୁଷ୍ଟିଶସ୍ୟ ମୂଲ୍ୟ ଶୃଙ୍ଖଳରେ ସ୍ୱଚ୍ଛତା ଆଣି ହିତାଧିକାରୀମାନଙ୍କୁ ଉତ୍ସାହିତ କରିବା ପାଇଁ ଆମେ ସ୍ୱତନ୍ତ୍ର ପଦକ୍ଷେପ ହାତକୁ ନେବା ପାଇଁ ପ୍ରତିଶ୍ରୁତିବଦ୍ଧ ।

- ରପ୍ତାନି ସମ୍ବନ୍ଧୀୟ ପ୍ରକ୍ରିୟାରେ ସ୍ୱୟଂ ସହାୟକ ଗୋଷ୍ଠୀ, କୃଷକ ଉତ୍ପାଦକ ସଂଗଠନ, ଷ୍ଟାର୍ଟଅପ୍, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଆଦିର ଦକ୍ଷତା ବୃଦ୍ଧି ନିମନ୍ତେ ବିଶେଷ ଗୁରୁତ୍ୱ ଦିଆଯିବ। ଏହାସହ ଖାଦ୍ୟ ସାମଗ୍ରୀର ଗୁଣାତ୍ମକ ମାନ, ପ୍ରମାଣପତ୍ର ଏବଂ ବଜାରକୁ ରପ୍ତାନି ସହ ଜଡିତ ନୀତିରେ ହିତାଧିକାରୀଙ୍କ ଦକ୍ଷତା ବୃଦ୍ଧିକୁ ପ୍ରାଥମିକତା ଦିଆଯିବ ।
- ଜ୍ଞାନର ଆଦାନ ପ୍ରଦାନ ପାଇଁ ଆମେ ଡିଜିଟାଲ୍ ପ୍ଲାଟଫର୍ମ ସୃଷ୍ଟି କରିବୁ, ଯେଉଁଠାରେ ବିଶେଷଜ୍ଞ ଏବଂ ବୈଜ୍ଞାନିକମାନେ ନିୟମିତ ଭାବରେ ବଜାର ଗତି, ଉପଭୋକ୍ତାଙ୍କ ଧାରା ଏବଂ ବୈଷୟିକ ଉଦ୍ଭାବନ ସମ୍ପର୍କରେ ଅବଗତ କରିପାରିବେ ।
- ଉପଭୋକ୍ତାଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବୃଦ୍ଧି କରିବା ପାଇଁ ଗୁଣାତ୍ମକ ମାନ ଉପରେ ସଚେତନତା ସୃଷ୍ଟି କରିବାକୁ ଆମେ ସମ୍ପୃକ୍ତ କମ୍ପାନୀ, ଏଫଏସଏସଏଏଲ୍ ଏବଂ ଅନ୍ୟମାନଙ୍କ ସହ ମିଳିତ ଉଦ୍ୟମରେ କାର୍ଯ୍ୟ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ।
- ପୁଷ୍ଟିଶସ୍ୟର ପ୍ରଚାର ପ୍ରସାର ପାଇଁ ହୋଟେଲ ଏବଂ ରେଷ୍ଟୋରାଁଗୁଡ଼ିକୁ ପ୍ରୋତ୍ସାହନ ଦେବା ନେଇ ଆମେ ଏକ ନୀତି ପ୍ରସ୍ତୁତ କରିବାକୁ ପ୍ରତିଶ୍ରୁତିବଦ୍ଧ।

## ପୋଷକତତ୍ତ୍ୱର ରୂପରେଖ:

- ଆମେ ବିଭିନ୍ନ ପୁଷ୍ଟିଶସ୍ୟ ଭୂ- ପ୍ରଜାତିର ପୁଷ୍ଟିକର ତଥ୍ୟ ସଂଗ୍ରହ କରିବୁ ଏବଂ କୃଷି ବିଜ୍ଞାନ ଏବଂ ପୁଷ୍ଟିକର କାର୍ଯ୍ୟଦକ୍ଷତା ଉପରେ ଆଧାର କରି ସେଗୁଡ଼ିକୁ ତଦାରଖ କରିବୁ ।
- ସମସ୍ତ ପୁଷ୍ଟିଶସ୍ୟଭିତ୍ତିକ ଉତ୍ପାଦଗୁଡ଼ିକ ପାଇଁ ସଠିକ୍ ବ୍ରାଣ୍ଡିଂ ସହିତ ସଠିକ୍ ପୋଷକ ମାନକ ସୁନିଶ୍ଚିତ କରିବା ପାଇଁ ଆମେ ସ୍ୱୟଂ ସହାୟକ ଗୋଷ୍ଠୀ, କୃଷକ ଉତ୍ପାଦକ ସଂଗଠନ ଏବଂ ଉଦ୍ୟୋଗୀମାନଙ୍କର ଦକ୍ଷତା ବୃଦ୍ଧି କରିବା ଦିଗରେ ଧ୍ୟାନ ଦେବୁ ।
- ଐତିହ୍ୟ ଭିତ୍ତିକ, ହସ୍ତ କୁଶଳତା ସମ୍ପନ୍ନ ସ୍ୱତନ୍ତ୍ର ପୁଷ୍ଟିଶସ୍ୟ ଉତ୍ପାଦକୁ ପ୍ରୋତ୍ସାହିତ କରିବୁ ।
- ଶିଶୁ ଜନ୍ମର ସଂଖ୍ୟା ଆଧାରରେ ପ୍ରଥମ ହଜାରେ ଦିନ ପାଇଁ ଆବଶ୍ୟକ ହେଉଥିବା ପୁଷ୍ଟିଶସ୍ୟ ଉତ୍ପାଦ ବିକଶିତ କରିବା ପାଇଁ ଆମେ ଗବେଷଣା ପ୍ରତିଷ୍ଠାନ / ସଂଗଠନ / କମ୍ପାନୀଗୁଡିକୁ ସମର୍ଥନ କରିବାକୁ ପ୍ରତିଶ୍ରୁତିବଦ୍ଧ।




## ସ୍ଥାୟୀ ଅର୍ଥ ବ୍ୟବସ୍ଥା:

- ପୁଷ୍ଟିଶସ୍ୟ ମୂଲ୍ୟ ଶୃଙ୍ଖଳରେ ସ୍ଥାୟୀ ଅର୍ଥ ପରିଚାଳନା ବ୍ୟବସ୍ଥା ଏବଂ ଅର୍ଥ ନିବେଶର ବିକଳ୍ପ ଅନୁସନ୍ଧାନ କରିବାକୁ ଆମେ ପ୍ରତିବଦ୍ଧ। ରାଜ୍ୟର ପୁଷ୍ଟିଶସ୍ୟ ଚାଷୀଙ୍କ ପାଇଁ କାର୍ବନ କ୍ରେଡିଟ ଢାଞ୍ଚା ପ୍ରସ୍ତୁତ କରିବା ପାଇଁ ଆମେ ଯତ୍ନବାନ ।



## ଉପଭୋକ୍ତାଙ୍କ ମଧ୍ୟରେ ସଚେତନତା ସୃଷ୍ଟି:



- ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, କୃଷକ ଉତ୍ପାଦକ ସଂଗଠନ, ପଞ୍ଚାୟତରାଜ ଅନୁଷ୍ଠାନ, ବିଦ୍ୟାଳୟ, କ୍ରୀଡ଼ାବିତଙ୍କୁ ଅନ୍ତର୍ଭୁକ୍ତ କରି ପୁଷ୍ଟିଶସ୍ୟ ସମ୍ପର୍କରେ ସଚେତନତା ସୃଷ୍ଟି କରିବାକୁ ଆମେ ପ୍ରତିଶ୍ରୁତିବଦ୍ଧ ।
- ସେଫ୍, ହୋଟେଲ, ବ୍ଲଗର୍, ୟୁଥ୍ କ୍ଲବ୍ ଆଦି ମାଧ୍ୟମରେ ପୁଷ୍ଟିଶସ୍ୟକୁ ନେଇ ସଚେତନତା ସୃଷ୍ଟି ପାଇଁ ପଦକ୍ଷେପ ଗ୍ରହଣ କରାଯିବ ।
- ପୁଷ୍ଟିଶସ୍ୟର ଗୁରୁତ୍ୱ ଉପରେ ସଚେତନତା ସୃଷ୍ଟି କରିବା ପାଇଁ ବିଶେଷଜ୍ଞ, ସ୍ୱାସ୍ଥ୍ୟ ବିଶେଷଜ୍ଞ, ଖାଦ୍ୟ ବିଶେଷଜ୍ଞ, ସେଫ୍, ହୋଟେଲ, ରେସ୍ତୋରାଁ ଆଦିଙ୍କ ସହାଭାଗିତାରେ କାର୍ଯ୍ୟ କରିବାକୁ ଆମେ ପ୍ରତିଶ୍ରୁତିବଦ୍ଧ ।
- କାହାଣୀ ପରିବେଷଣ, ପୋଷ୍ଟକାର୍ଡ ଏକ୍ସଚେଞ୍ଜ ଏବଂ ଅନ୍ୟାନ୍ୟ କାର୍ଯ୍ୟକଳାପ ମାଧ୍ୟମରେ ପୁଷ୍ଟିଶସ୍ୟକୁ ନେଇ ସଚେତନତା ସୃଷ୍ଟି କରିବା ଏବଂ ପୁଷ୍ଟିଶସ୍ୟ ସହ ଜଡିତ କୃଷକ ସଙ୍ଗୀତକୁ ପ୍ରୋତ୍ସାହିତ କରିବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ ।
- ପୁଷ୍ଟିଶସ୍ୟକୁ ପ୍ରୋତ୍ସାହିତ କରିବା ଏବଂ ସଚେତନତା ସୃଷ୍ଟି କରିବାରେ ଆମେ କ୍ରୀଡ଼ାବିତଙ୍କ ସହ ମିଳିତ ଭାବେ କାର୍ଯ୍ୟ କରିବାକୁ ପ୍ରତିଶ୍ରୁତିବଦ୍ଧ ।
- ରାଜ୍ୟ ଏବଂ ଜିଲ୍ଲାସ୍ତରରେ ମହିଳାମାନଙ୍କ ମାଧ୍ୟରେ ପୁଷ୍ଟିଶସ୍ୟଭିତ୍ତିକ ଖାଦ୍ୟର ରନ୍ଧନ ପ୍ରତିଯୋଗିତା ଆୟୋଜିତ କରିବାକୁ ଆମେ ପ୍ରତିଶ୍ରୁତିବଦ୍ଧ, ଯାହା ମହିଳାମାନଙ୍କୁ ପୁଷ୍ଟିଶସ୍ୟଭିତ୍ତିକ ଖାଦ୍ୟ ସମ୍ପର୍କରେ ଅବଗତ ହେବାରେ ଏକ ସୁଯୋଗ ସୃଷ୍ଟି କରିବ ।
- ବିଭିନ୍ନ ଗଣମାଧ୍ୟମ ପ୍ଲାଟଫର୍ମ ମାଧ୍ୟମରେ ପୁଷ୍ଟିଶସ୍ୟକୁ ପ୍ରୋତ୍ସାହିତ କରିବାକୁ ଆମେ ପ୍ରତିବଦ୍ଧ । ଏହାର ବ୍ୟାପକତା ପାଇଁ ବ୍ଲଗର୍ ଏବଂ ବିଭିନ୍ନ କଳାକାରମାନଙ୍କ ସହଭାଗିତାରେ କାର୍ଯ୍ୟ କରାଯିବ ।

## ଦୀର୍ଘକାଳୀନ ସହାଭାଗିତା:

- ଆମେ ସମସ୍ତ ହିତାଧିକାରୀ, ବିଶେଷକରି ବିଭିନ୍ନ ସମ୍ପ୍ରଦାୟ, ଗବେଷଣା ସଂଗଠନ, ଶିକ୍ଷାବିତ୍, ନାଗରିକ ସମାଜ ସଂଗଠନ ଏବଂ ଅନ୍ୟମାନଙ୍କ ସହାଭାଗିତାରେ କାର୍ଯ୍ୟ କରି ପୁଷ୍ଟିଶସ୍ୟକୁ ମୁଖ୍ୟସ୍ରୋତରେ ସାମିଲ କରିବା ଦିଗରେ କାର୍ଯ୍ୟ କରିବୁ । ଦକ୍ଷିଣ ଏସିଆ ଓ ଦକ୍ଷିଣ ଆଫ୍ରିକା ଆଦି ଦେଶରେ ପୁଷ୍ଟିଶସ୍ୟକୁ ଏକ ଦଶନ୍ଧି ପାଇଁ ପ୍ରୋତ୍ସାହିତ କରିବା ଦିଗରେ ଆମେ ପ୍ରତିଶ୍ରୁତିବଦ୍ଧ ।
- ପୁଷ୍ଟିଶସ୍ୟ ପାଇଁ ୨୦୩୬ ପର୍ଯ୍ୟନ୍ତ ଏକ ବିସ୍ତୃତ ଏବଂ କାର୍ଯ୍ୟ ଯୋଜନାର ରୋଡ୍ ମ୍ୟାପ୍ ପ୍ରସ୍ତୁତ କରିବାକୁ ଆମେ ପ୍ରତିଶ୍ରୁତିବଦ୍ଧ ।
- ୨୦୩୦ ସୁଦ୍ଧା ଆମେ ବିଶ୍ୱସ୍ତରରେ ପୁଷ୍ଟିଶସ୍ୟକୁ ନେଇ ସଫଳତା ହାସଲ କରିବା ଦିଗରେ ଲକ୍ଷ୍ୟ ରଖିଛୁ ।

